**ଶହୀଦ ଦେବାଶିଷଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ୨୫ ଲକ୍ଷ ସହାୟତା**

ଭୁବନେଶ୍ୱର,୨୧।୪(ବ୍ୟୁରୋ): ଜମ୍ମୁ-କଶ୍ମୀରର ପୁଞ୍ଚରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ଦେବାଶିଷ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିସହିତ ଦେବାଶିଷଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।






# ଦନ୍ତା ନେଲା ଜୀବନ

## ତୀବ୍ର ଉତ୍ତେଜନା, ରାସ୍ତାରୋକୋ

ସାତମାଇଲ, ୨୧।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଗୁରିଲୋ ଗ୍ରାମର ସୁରେଶ ସାମଲ (୭୦)ଙ୍କ ଶୁକ୍ରବାର ଦନ୍ତାହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସେ ସକାଳ ୮ଟାରେ କାଜୁବଗିଚାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଅପରାହ୍ନ ୩ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

ଅଞ୍ଚଳରେ ବଢୁଥିବା ହାତୀ ଉପଦ୍ରବ ରୋକିବା ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଗ୍ରାମବାସୀ ସାତମାଇଲ ଛକରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘସମୟ ଯାଏ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ବାଲିମୀ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର, ହିନ୍ଦୋଳ ରେଞ୍ଜର ଲୋହିତ ରଥ ସଦଳବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ହଟିଥିଲା।


ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି। ମୃତ ସୁରେଶ ସାମଲ (ଇନ୍‌ସେଟ୍)।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ପ୍ରଶାସନ ଫାଇଲ ମିଳିଗଲା

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ରାଜ୍ୟ ଆଇନ ବିଭାଗ ଅଫିସରେ ହଜିଯାଇଥିବା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ସମ୍ପର୍କିତ ୨ଟି ପୁରୁଣା ଫାଇଲ ମିଳିଯାଇଛି। ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଅଛି। ଶୁକ୍ରବାର ଆଇନ ବିଭାଗ ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇଛି। ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତି ଅନୁଯାୟୀ ଉକ୍ତ ଫାଇଲ ଏକ ସାଧାରଣ ଫାଇଲ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସମ୍ପର୍କିତ ଦୁଇଟି ଫାଇଲ ନ ମିଳିବା ବା ହଜିଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ସରକାରଙ୍କ ନଜରକୁ ଆସିଛି। ଏ ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ, ଏହି ଦୁଇଟି ଫାଇଲ ବହୁ ପୁରାତନ ହୋଇଥିବାରୁ ଏବଂ ପୁରୁଣା ଫାଇଲରେ ମିଶିବା ଯୋଗୁ ଏହାକୁ ଖୋଜିବା କଷ୍ଟକର ଥିଲା। ଉଭୟ ଫାଇଲକୁ ଖୋଜିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ଆକ୍ରମଣ ଉଦ୍ୟମ ଅଭିଯୋଗ

ଅନୁଗୋଳ ଅଫିସ, ୨୧।୪:

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଛୋଟକେଇ ଗ୍ରାମର ବିରଞ୍ଚି ଝାଙ୍କର ଶୁକ୍ରବାର ଜଣେ ଯୁବକଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ଯୁବକ ବିରଞ୍ଚିଙ୍କ ପୁଅଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ନଂ. ୪୦/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ଛୋଟକେଇ ଗ୍ରାମର ଜଣେ ଯୁବକ ନିଶାଶକ୍ତ ଅବସ୍ଥାରେ ବିରଞ୍ଚିଙ୍କ ପୁଅକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାକୁ ବସିଥିଲେ। ଏପରି କି ପୁଅ ବେକକୁ ଧରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ବିରଞ୍ଚି ତାଙ୍କ ପୁଅଙ୍କୁ ଉଦ୍ଧାର କରି ଜୀବନ ବଞ୍ଚାଇବାକୁ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ମେଘୁଆ ପାଗ ଦେଲା ଆଶ୍ୱସ୍ତି

ଅନୁଗୋଳ ଅଫିସ, ୨୧।୪:

ଅନୁଗୋଳବାସୀଙ୍କୁ ଶୁକ୍ରବାର ତାତିରୁ ସାମାନ୍ୟ ତ୍ରାହି ମିଳିଛି। କିଛିଦିନ ହେଲା ପ୍ରଚଣ୍ଡ ଖରାରେ ତତଲା କଡ଼େଇରେ ପରିଣତ ହେଉଥିବ ଅନୁଗୋଳର ପାରଦ ମେଘୁଆ ପାଗ ଯୋଗୁ ତଳମୁହାଁ ହୋଇଛି। ଫଳରେ ଦିନକରେ ପାରଦ ୮ ଡିଗ୍ରୀ ଖସି ୩୪.୧ ଡିଗ୍ରୀରେ ରହିଛି। ଦିନତମାମ ପବନ ଓ କୋହଲା ପାଗ ଥିବାରୁ ଲୋକମାନେ ଆଶ୍ୱସ୍ତ ହୋଇଛନ୍ତି। ତେବେ ସହର ଉପକଣ୍ଠର କିଛି ସ୍ଥାନରେ ବର୍ଷା ହୋଇଥିବାବେଳେ ସହରରେ ବର୍ଷା ହୋଇ ନ ଥିବାରୁ ଲୋକଙ୍କୁ ନିରାଶ ହେବାକୁ ପଡ଼ିଛି।

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ

## ଅମଲାଙ୍କ ଖୋଲା ଚେତାବନୀ

ଢେଙ୍କାନାଳ ଅଫିସ, ୨୧।୪

ମୂଳ ବେତନରେ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ଦାବି ନେଇ ଢେଙ୍କାନାଳ ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ଶୁକ୍ରବାର ବିକ୍ଷୋଭ କରାଯାଇଛି। ସରକାର ଦାବି ପୂରଣରେ ଯେଉଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି, ତାହା ଅସହ୍ୟ। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ଦାବିପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଖୋଲା ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର ୨୦୧୭ରୁ ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ସ୍ନାତକ ଓ କମ୍ପ୍ୟୁଟର କରିଛନ୍ତି। ହେଲେ ମୂଳ ଦରମାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅଦ୍ୟାବଧି ମାଟ୍ରିକ୍ ହାରରେ ବେତନ ପ୍ରଦାନ କରାଯାଉଛି। ବାରମ୍ବାର ଦାବିସତ୍ତ୍ୱେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଜରୁରୀ ସମୟରେ ଅମଲାମାନେ ନିଜ ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିଆସୁଛନ୍ତି। ତଥାପି ସରକାରଙ୍କ ଏଭଳି ଉଦାସୀନତା ପରିତାପର ବିଷୟ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ କନିଷ୍ଠ ସହାୟକ ପଦବୀକୁ ପଦୋନ୍ନତି, ମୂଳ ଦରମା ଗ୍ରେଡ୍ ପେ' ୧୯୦୦ (ଲେଭେଲ-୪) ବଦଳରେ ଗ୍ରେଡ୍ ପେ' ୪୨୦୦ (ଲେଭଲ୍-୯) ପ୍ରଦାନ କରିବାକୁ ମଞ୍ଚ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। ଏହା ନ ହେଲେ ଅମଲାମାନେ କଳାବ୍ୟାଜ୍ ପରିଧାନ କରିବେ। ତଥାପି ସରକାର ନିରାଶ କଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକ, ଆବାହକ ଅରୁଣ କୁମାର ବଳିୟାରସିଂ ଚେତାବନୀ ଦେଇଛନ୍ତି।

ଏଥିପୂର୍ବରୁ ୭୦୦ରୁ ଊର୍ଦ୍ଧ୍ୱ ଅମଲାଙ୍କ ଏକ ବିଶାଳକାୟ ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡସ୍ଥିତ ଟ୍ରାଫିକ୍ ଛକ ହନୁମାନ ବାଟିକା ନିକଟରୁ ବାହାରିଥିଲା। ରାଲି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଓଡ଼ିଶା ଅମଲା ସଂଘ ସମ୍ପାଦକ ଗଣେଶ ଚନ୍ଦ୍ର ପୃଷ୍ଟି, ଓଡ଼ିଶା ରାଜସ୍ୱ ଅମଲା ସଂଘ ସମ୍ପାଦକ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନିଖିଳ ଓଡ଼ିଶା ଟ୍ରେଜେରି ଅମଲା ସଂଘ ସମ୍ପାଦକ ସଞ୍ଜୟ ସାହୁ, ସବ୍-ରେଜିଷ୍ଟ୍ରାର ଅମଲା ସଂଘ ସମ୍ପାଦକ ରାଜୀବ ସାହୁଙ୍କ ନେତୃତ୍ୱରେ ସମସ୍ତ ବିଭାଗର ଅମଲାମାନେ ଏଥିରେ ସାମିଲ ହୋଇଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଅମଲାମାନେ।

# ଭୁଜାଲି ଆଘାତରେ ମରିଥିଲା ୯ ମାସର ଗର୍ଭସ୍ଥ ସନ୍ତାନ

## ଖୁଲଣା ହତ୍ୟାକାଣ୍ଡର ଚାଞ୍ଚଲ୍ୟକର ତଥ୍ୟ

ଢେଙ୍କାନାଳ ଅଫିସ, ୨୧।୪

ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ସରଦେଇପୁର ଗ୍ରାମରେ ୨୦୧୬ରେ ସଂଘଟିତ ବହୁଚର୍ଚ୍ଚିତ ଖୁଲଣା ପ୍ରତିହାରୀ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ରାମଜୀ ଆହିରୱାର ଘଟଣାର ଦୀର୍ଘ ୭ବର୍ଷ ପରେ ଗିରଫ ହୋଇଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ଜେରା ବେଳେ ହତ୍ୟାକାଣ୍ଡ ସମ୍ପର୍କରେ ବହୁ ଚାଞ୍ଚଲ୍ୟକର ତଥ୍ୟ ପୋଲିସ ହାତରେ ଲାଗିଛି। ଦାମ୍ପତ୍ୟ କଳହକୁ କେନ୍ଦ୍ରକରି ରାମ୍‌ଜୀ ଏକ ଟାଙ୍ଗିଆରେ ହାଣି ଖୁଲଣାଙ୍କୁ ହତ୍ୟା କରିଥିଲେ। କେବଳ ଏତିକି ନୁହେଁ, ପେଟରେ ଭୁଜାଲି ଭୁସିଦେବାରୁ ଖୁଲଣାଙ୍କ ଗର୍ଭରେ ବଢୁଥିବା ୯ ମାସର ଶିଶୁଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଅପରାହ୍ନରେ ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ହତ୍ୟାକାଣ୍ଡ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

ମଧ୍ୟପ୍ରଦେଶ ରାଇସେନ ଜିଲା ବେଗମଗଞ୍ଜ ଥାନା କିରାଟପୁର ଗ୍ରାମର ରାମ୍‌ଜୀ ୨୦୧୫ରେ ସରଦେଇପୁର ଗ୍ରାମର ନୃସିଂହ ଚରଣ ପ୍ରତିହାରୀଙ୍କ ଝିଅ ଖୁଲଣାଙ୍କୁ ବିବାହ କରିଥିଲେ। ଖୁଲଣା ୯ ମାସର ଗର୍ଭବତୀ ହେବା ପରେ ସନ୍ତାନ ପ୍ରସବ ପାଇଁ ବାପଘରକୁ ଆସିଥିଲେ। ତେବେ ରାମ୍‌ଜୀ ଶ୍ୱଶୁର ଘରକୁ ଆସି ସ୍ତ୍ରୀଙ୍କୁ ଘରକୁ ନେବା ପାଇଁ ଜିଦ୍ ଧରିଥିଲେ। ହେଲେ ଗର୍ଭବତୀ ଥିବାରୁ ଏଥିପାଇଁ ରାଜି ହୋଇ ନ ଥିଲେ ଖୁଲଣା। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅନ୍ୟପଟେ ରାମଜୀଙ୍କୁ ବିବାହ ପୂର୍ବରୁ ଖୁଲଣା ଅନ୍ୟ ୨ଜଣଙ୍କୁ ବିବାହ କରିଥିଲେ। ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଦ୍ୱିତୀୟ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିଲେ। ଏହା ରାମ୍‌ଜୀ ଜାଣିବା ପରେ ଉଭୟଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ଘଟଣାଦିନ ଅର୍ଥାତ୍ ୨୦୧୬ ଜୁନ୍ ୧୩ରେ ଶୋଇଥିବା ଅବସ୍ଥାରେ ରାମ୍‌ଜୀ ଏକ ଟାଙ୍ଗିଆରେ ଖୁଲଣାଙ୍କୁ ହାଣି ହତ୍ୟା କରିଥିଲେ। ପେଟରେ ଭୁଜାଲି ଭୁସି ଦେବାରୁ ୯ମାସର ଗର୍ଭସ୍ଥ ସନ୍ତାନର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ତେବେ ଏଭଳି ସ୍ପର୍ଶକାତର ଘଟଣାକୁ ୭ବର୍ଷ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ସେଭଳି ତତ୍ପରତା ଦେଖାଇ ନ ଥିଲା। ତେବେ ନୂତନ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶରେ ଅପରାଧ ପେଡ଼ି ପୁଣି ଖୋଲିଥିଲା। ସଦର ଥାନା ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ମଧ୍ୟପ୍ରଦେଶ ଯାଇଥିଲେ ମଧ୍ୟ ରାମ୍‌ଜୀଙ୍କୁ ପାଇ ନ ଥିଲା। ସେ ଭୁବନେଶ୍ୱର ସାଲିଆ ସାହିରେ ରହୁଥିବା ଜାଣିବା ପରେ ସେଠାରୁ ତାଙ୍କୁ ଗିରଫ କରି ଢେଙ୍କାନାଳ ଅଣାଯାଇଥିଲା। ହତ୍ୟାକାଣ୍ଡ ପରେ ସେ ଲୁଚାଇଥିବା ମାରଣାସ୍ତ୍ରକୁ ଜବତ କରାଯାଇଛି। ଏହାକୁ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି ବୋଲି ଏସଡିପିଓ କହିଥିଲେ। ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ପ୍ରଦୀପ ପ୍ରଧାନ, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

# ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସମେତ ୩ ଗିରଫ

## ବାଲିଘାଟକୁ ନେଇ ମହିଳାଙ୍କୁ ହତ୍ୟା ଘଟଣା

ଆନନ୍ଦପୁର,୨୧।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଶାଳଦେଇ ବାଲିଘାଟ ବିବାଦକୁ ନେଇ ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସ ୩ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଘଷିପୁରା ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀ ବାବନ ସାହୁ ଏବଂ ବଳରାମ ବେହେରା, ସିପୁନ ବେହେରା। ସମସ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅବିନାଶ ପରିଡ଼ା ସୂଚନା ଦେଇଛନ୍ତି।

ପୋଲିସ ସୂଚନା ମୁତାବକ, ବାଲିଚାଲାଣ ବିବାଦକୁ ନେଇ ଗତ ୨୨ ତାରିଖରେ ପ୍ରତିବାଦ ସମୟରେ ଶାଳଦେଇ ଗ୍ରାମର ନବଘନ ଜେନାଙ୍କ ସ୍ତ୍ରୀ ମଲ୍ଲି ଜେନାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ସମୟରେ ମୃତ୍ୟୁବରଣ କରିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗ କରି ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସମେତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ପୋଲିସ ପ୍ରାଥମିକ ସ୍ତରରେ ୫ ଅଭିଯୁକ୍ତ ହରେକୃଷ୍ଣ ବୋଇତେଇ, ଅମରେଶ ରାଉତ, ସନ୍ତୋଷ ସାହୁ, ଭାଗୀରଥି ପଲେଇ, ଅଞ୍ଜନ ରାଉତଙ୍କୁ ଗିରଫ କରିଥିଲା। ମାତ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି ହୋଇଆସୁଥିଲା। ପୋଲିସ ତଦନ୍ତ ଚଳାଇଥିବା ବେଳେ ଗୁରୁବାର ୩ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ କହିଛନ୍ତି।

# ଜନସୁରକ୍ଷା ଯୋଜନାକୁ ଲୋକାଭିମୁଖୀ କର

ଢେଙ୍କାନାଳ ଅଫିସ, ୨୧।୪

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପିଏମ୍‌ଜିବିୱାଇ, ପିଏମ୍‌ଏସ୍‌ବିୱାଇ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ ସେଠୀ ଏଥିରେ ଅଧ୍ୟକ୍ଷତା କରି ଜନସୁରକ୍ଷା ଯୋଜନାକୁ ଲୋକାଭିମୁଖୀ କରିବା ଲାଗି ଯତ୍ନବାନ ହେବାକୁ ଉପସ୍ଥିତ ଥିବା ବିଭିନ୍ନ ବ୍ୟାଙ୍କ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜନସୁରକ୍ଷା ଯୋଜନା ବିଷୟରେ ଜନତାଙ୍କୁ ଅବଗତ କରାଇବା ଲାଗି ଏପ୍ରିଲ୍ ୧ରୁ ଜୁନ୍ ୩୦ ଯାଏ ପଞ୍ଚାୟତସ୍ତରରେ ପ୍ରଚାର ପ୍ରସାର କରାଯିବ। ପିଏମ୍‌ଜିବିୱାଇରେ ବାର୍ଷିକ ପ୍ରିମିୟମ ୪୩୬ ଟଙ୍କା ଏବଂ ବୀମାରାଶି ୨ ଲକ୍ଷ ଟଙ୍କା ରହିଛି। ପିଏମ୍‌ଏସ୍‌ବିୱାଇରର ବାର୍ଷିକ ପ୍ରିମିୟମ ୨୦ ଟଙ୍କା ଏବଂ ବୀମାରାଶି ୨ ଲକ୍ଷ ଟଙ୍କା ରହିଥିବା ସୂଚନା ଦିଆଯାଇଥିଲା। ବ୍ୟାଙ୍କସମୂହ ଏହି ଯୋଜନାକୁ କିଭଳି ସଫଳ କରାଇବେ ସେ ନେଇ ଆଲୋଚନା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ନିର୍ମଳ ଚନ୍ଦ୍ର ପଣ୍ଡା, ନାବାର୍ଡର ଡିଡିଏମ୍ ପ୍ରଶାନ୍ତ ଦାସ, ଓଡ଼ିଶା ଗ୍ରାମ୍ୟବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଆଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପଛୁଆବର୍ଗଙ୍କୁ ଅଧିକାର ଜଣାଇବ ଜନଜାଗରଣ ରଥ

ଢେଙ୍କାନାଳ ଅଫିସ, ୨୧।୪

ପଛୁଆବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ କରାଇବା ଲାଗି ଢେଙ୍କାନାଳରେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ତରଫରୁ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଜନଜାଗରଣ ରଥ ଶୁଭାରମ୍ଭ ହୋଇଛି। ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଜ ବିଶ୍ୱାଳଙ୍କ ସମେତ ଦଳୀୟ ନେତୃବୃନ୍ଦ ଏହାର ଉଦ୍‌ଘାଟନ କରିଥିଲେ। ଓବିସି ବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଜନଜାଗରଣ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦାବିକରି ଏହି ରଥ ସାରା ରାଜ୍ୟ ପରିକ୍ରମା କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଦଳୀୟ ନେତୃବୃନ୍ଦଙ୍କ କହିବା କଥା, ରାଜ୍ୟର ମୋଟ ଜନସଂଖ୍ୟାର ୫୪% ଓବିସି ବର୍ଗର। ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ମୋଦି ସରକାର ବିଭିନ୍ନ ସୁବିଧା କରିଛନ୍ତି। ଏହାକୁ ବିଭିନ୍ନ ରାଜ୍ୟ ଲାଗୁ କରିସାରିଲେଣି। ହେଲେ ବିଜେଡି ସରକାର ଓଡ଼ିଶାରେ ଓବିସି ବର୍ଗଙ୍କୁ ଏଥିରୁ ବଞ୍ଚିତ କରିରଖିଛି। ଓବିସି ବର୍ଗ ପଞ୍ଚାୟତ ଓ ପୌର ନିର୍ବାଚନରେ ୨୭% ସଂରକ୍ଷଣ ପାଇ ଆସୁଥିବାବେଳେ ଗତ ନିର୍ବାଚନରେ ଓଡ଼ିଶା ସରକାର ସେମାନଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି। ତେଣୁ ସଚେତନତା ରଥ ମାଧ୍ୟମରେ ରାଜ୍ୟବାସୀଙ୍କୁ ଏସବୁ ବିଷୟରେ ଅବଗତ କରାଯିବ। ଉକ୍ତ ଜନଜାଗରଣ ରଥ ଶୁକ୍ରବାର ଢେଙ୍କାନାଳ ସଦର ନିର୍ବାଚନମଣ୍ଡଳୀ, ଶନିବାର କାମାକ୍ଷାନଗର ଓ ହିନ୍ଦୋଳ ନିର୍ବାଚନମଣ୍ଡଳୀ ପରିକ୍ରମା କରିବ। ଏହାପରେ ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀ ପରିଭ୍ରମଣ କରିବା କାର୍ଯ୍ୟକ୍ରମ ରହିଛି।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପତି, ସଂଯୋଜକ ବିବେକାନନ୍ଦ ଜେନା, ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, କୃଷ୍ଣଚନ୍ଦ୍ର ପାତ୍ର, ଅଞ୍ଜଳି ବେହେରା, ହିମାଞ୍ଚଳ ଖଟେଇ, ପ୍ରେମାନନ୍ଦ ଜେନା, ସୁବୋଧ ବାରିକ, ନୀରୋଜ ନଳିନୀ ମହାଳିକ, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ସୁନୀଲ ଶର୍ମା, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ସହଦେବ ପୃଷ୍ଟି, ଧ୍ରୁବଚରଣ ସ୍ୱାଇଁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# ଯୋଗାଣ ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତା ଦାବି

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦.୧୫ କୋଟି ବ୍ୟୟବରାଦ
- ଜୁନ୍ ସୁଦ୍ଧା କଲ୍ୟାଣ ମଣ୍ଡପ ନିର୍ମାଣ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନ, ୨୧।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ସଭାଗୃହରେ ଶୁକ୍ରବାର ୪ର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପିଡିଏସ୍ ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତା ରହୁନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହେଉଛି। ଏ ଦିଗରେ ପଦକ୍ଷେପ ନେବାକୁ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ଦାବି କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦ କୋଟି ୧୫ ଲକ୍ଷ ୬୮ ହଜାର ଟଙ୍କାର କାର୍ଯ୍ୟ କରାଯିବ। ୪ ଲକ୍ଷ ୮୧ ହଜାର ୪୧୪ ଶ୍ରମ ଦିବସ ସୃଷ୍ଟି ହେବ। ସେହିପରି ପଞ୍ଚଦଶ ଅର୍ଥ କମିଶନରେ ୯୧ ଲକ୍ଷ ୫୦ ହଜାର ୮୫୦ ଟଙ୍କା ଏବଂ ପଞ୍ଚମ ଅର୍ଥ କମିଶନରେ ୭୨ ଲକ୍ଷ ୬୯ ହଜାର ୮୪ ଟଙ୍କାର ବ୍ୟୟ ବରାଦ କରାଯାଇଛି।

ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମିଳିମିଶି କାମ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ମଠକରଗୋଳା ଓ ମହୁଲପାଳ ପଞ୍ଚାୟତରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ପ୍ରତିକାର କରିବା, ମୃତବ୍ୟକ୍ତିଙ୍କ ନାମରେ ପିଡିଏସ୍ ସାମଗ୍ରୀ ଉଠାଯାଉଥିବା ଅଭିଯୋଗର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହି ଅବସରରେ କୃଷିର ଉନ୍ନତି, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ଶ୍ରେଣୀଗୃହ ସମସ୍ୟାର ସମାଧାନ, ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଭୋଗୁଥିବା ସମସ୍ୟା ଓ ଏହାର ପ୍ରତିକାର, କରୋନା ଟିକାକରଣକୁ ଗୁରୁତ୍ୱାରୋପ କରାଯାଇଥିଲା। ବାଲ୍ୟବିବାହ ରୋକିବା ଲାଗି ଏକ ଟିମ୍ ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଜିଲାରେ ବାର୍ଷିକ ୨୬ ଲକ୍ଷ ମେଟ୍ରିକ ଟନ୍ ମାଛ ଆବଶ୍ୟକତା ଥିବାବେଳେ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହେଉଛି। ଏହି ଅଭାବ ପୂରଣ ଲାଗି ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଛଚାଷ ଲାଗି ପ୍ରୋତ୍ସାହିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୋ-ମହିଷାଦି ପଶୁସମ୍ପଦକୁ ରୋଗରୁ ସୁରକ୍ଷା ପାଇଁ ଟିକାକରଣକୁ ଗୁରୁତ୍ୱ ଦେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆଦର୍ଶ ପୋଖରୀ ଖନନ, ଉଦ୍ୟାନ, ଆଦର୍ଶ ଖେଳପଡ଼ିଆ ନିର୍ମାଣ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅଧାପନ୍ତରିଆ ଅବସ୍ଥାରେ ଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟ ଜୁନ୍ ସୁଦ୍ଧା ସମ୍ପୂର୍ଣ୍ଣ କରି ରିପୋର୍ଟ ଦେବାକୁ ମନ୍ତ୍ରୀ ତାଗିଦା କରିଛନ୍ତି। ବୈଠକରେ ବ୍ଲକ ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ବିଡିଓ କଲ୍ୟାଣ ସୌରଭ ଦାଶ, ପଞ୍ଚାୟତ ଅଧିକାରୀ ଶ୍ରୀକାନ୍ତ କୁମାର ବେହେରାଙ୍କ ସମେତ ସମସ୍ତ ସମିତିସଭ୍ୟ, ସରପଞ୍ଚ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ମନ୍ତ୍ରୀ, ବ୍ଲକ ଅଧ୍ୟକ୍ଷା, ବିଡିଓଙ୍କ ସମେତ ଅନ୍ୟମାନେ।

# ଜେଲ ଗଲେ ଆର୍‌ଆଇ

## ଜିଲାପାଳଙ୍କ ଦସ୍ତଖତ ଜାଲ୍ ମାମଲା

ଢେଙ୍କାନାଳ ଅଫିସ, ୨୧।୪


ବିଶ୍ୱନାଥ ପ୍ରଧାନ

ନିଜର ପଦୋନ୍ନତି ପାଇଁ ଜିଲାପାଳଙ୍କ ଦସ୍ତଖତ ଜାଲ୍ କରିବା ଢେଙ୍କାନାଳ ଜିଲା କାମାକ୍ଷାନଗରରେ କାର୍ଯ୍ୟରତ ଆର୍‌ଆଇ ବିଶ୍ୱନାଥ ପ୍ରଧାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ୨୦୧୮ରେ କରିଥିବା ଏଭଳି ବେଆଇନ କାର୍ଯ୍ୟ ପାଇଁ ତାଙ୍କୁ ଜେଲ ଯିବାକୁ ପଡ଼ିଛି।

ସୂଚନାଯୋଗ୍ୟ, ଏବେକାର କାମାକ୍ଷାନଗର ଆର୍‌ଆଇ ବିଶ୍ୱନାଥ ପ୍ରଧାନ ୨୦୧୮ରେ ଗଁଦିଆ ଓ ଭୁବନ ତହସିଲ ଯୁଗ୍ମ ଦାୟିତ୍ୱରେ ଥିଲେ। ସେହି ସମୟରେ ସେ ନିଜ ସିସିଆର୍‌ରେ ତାଙ୍କ କାର୍ଯ୍ୟଦକ୍ଷତା ଅତି ସନ୍ତୋଷଜନକ ବୋଲି ଲେଖି ତତ୍କାଳୀନ ଜିଲାପାଳ ରୂପାରୋଶନ ସାହୁଙ୍କ ଜାଲ ଦସ୍ତଖତ କରିଥିଲେ। ପରବର୍ତ୍ତୀ ଜିଲାପାଳ ନିଖିଲ ପୱନ କଲ୍ୟାଣ ଏହା ଧରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ନଂ. ୧୦୧/୧୮ରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଥାପି ପୋଲିସ ଏହାକୁ ଅତି ହାଲୁକା ଢଙ୍ଗରେ ନେଇଥିଲା ଏବଂ ଦୀର୍ଘ ୫ ବର୍ଷ ହେଲା ମାମଲାକୁ ପାସୋରି ଦେଇଥିଲା। ତେବେ ହଠାତ୍ ଗୁରୁବାର କାମାକ୍ଷାନଗରରେ କାର୍ଯ୍ୟରତ ଥିବା ଆର୍‌ଆଇ ବିଶ୍ୱନାଥଙ୍କୁ ପୋଲିସ ଉଠାଇ ଆଣିବା ସହ ଉକ୍ତ ସିସିଆର ଏବଂ ଏ ସଂକ୍ରାନ୍ତ ଦସ୍ତାବିଜ୍ ଯାଞ୍ଚ କରିଥିଲା। ଶୁକ୍ରବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଫାଇଲ ନେବାଆଣିବା କରୁଥିବା ତତ୍କାଳୀନ ଅତିରିକ୍ତ ଜିଲାପାଳଙ୍କ ଷ୍ଟେନୋ ଏବଂ ତତ୍କାଳୀନ ଜିଲାପାଳଙ୍କ ଠିକାରେ ଗାଡ଼ି ଚଳାଉଥିବା ଚାଳକଙ୍କୁ ମଧ୍ୟ ପୋଲିସ ଥାନାକୁ ଡାକି ପଚରାଉଚରା କରିଛି।






# ଗୋଶାଳା, ମାଛ ମାର୍କେଟ ପ୍ରସ୍ତାବରେ ମୋହର

■ପୌର ପରିଷଦ ସାଧାରଣ ବୈଠକ

■ଅଳସୁଆ ହାଟ ହେବ ଡେଲି ମାର୍କେଟ୍

ଢେଙ୍କାନାଳ ଅଫିସ, ୨୧।୪



ଢେଙ୍କାନାଳ ପୌର ପରିଷଦର ୧୨ତମ ସାଧାରଣ ବୈଠକ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୯ଟାରେ ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଦଳମତ ନିର୍ବିଶେଷରେ ସହରର ବିକାଶ ଓ ସମସ୍ୟାର ସମାଧାନ ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ପୌରାଞ୍ଚଳରେ ପ୍ରସ୍ତାବିତ ଅତ୍ୟାଧୁନିକ ମାଛ ମାର୍କେଟ ଓ ନୂତନ ଗୋଶାଳା ନିର୍ମାଣ ପ୍ରସ୍ତାବରେ ମୋହର ବାଜିଛି। ସେହିପରି ଷ୍ଟେଶନ ରୋଡ୍ ଅଞ୍ଚଳରେ ଥିବା ପୁରାତନ ଅଳସୁଆ ହାଟକୁ ଡେଲି ମାର୍କେଟରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ପୌର କାର୍ଯ୍ୟାଳୟରେ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦିଗରେ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି।

ଗ୍ରୀଷ୍ମପ୍ରବାହ ସମୟରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା, ଅଚଳ ନଳକୂପ ମରାମତି, ସହରାଞ୍ଚଳର ଡ୍ରେନ୍ ସଫେଇ ଏବଂ ଆବଶ୍ୟକସ୍ଥଳେ ଏହାର ମରାମତି କରିବା, ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟି, ତାର ବ୍ୟବସ୍ଥିତ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ କଡ଼ା ତାଗିଦା କରାଯାଇଛି। ମୁକ୍ତା ଯୋଜନାରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରିବା ଓ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ସହରବାସୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବୈଠକରେ ପୌର ପରିଷଦ ବଜେଟ୍ ଗୃହୀତ ହୋଇ ଅନୁମୋଦନ କରାଯାଇଥିଲା।

ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ପୂର୍ବ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପୌରାଞ୍ଚଳରେ ନିର୍ମାଣ ଚାଲିଥିବା ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରାନ୍ତ ଦଳେଇଙ୍କ ସମେତ ସମସ୍ତ କାଉନ୍‌ସିଲର, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ରଦ୍ଦ ହେବ ପରିବା ମାର୍କେଟ ନିଲାମ ଟେଣ୍ଡର

ଢେଙ୍କାନାଳ ସହର ରଥଗଡ଼ା, ବାଜିଚୌକ୍, ଅନ୍ୟସ୍ଥାନରେ ଥିବା ପରିବା ମାର୍କେଟ ଏବଂ ଉଠାଦୋକାନୀ ବସିବା ପିଣ୍ଡି ନିଲାମ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ପୌର ପରିଷଦ ବୈଠକରେ ହଇଗୋଳ ହୋଇଛି। ଗତବର୍ଷ ପୌରସଂସ୍ଥା ପକ୍ଷରୁ ଏଥିଲାଗି ଟେଣ୍ଡର ହୋଇଥିଲା। ଗୋଟିଏ ପରିବାରର ବାପ ଓ ପୁଅ ନିଲାମ ପାଇଁ ଟେଣ୍ଡର ପକାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଧାର୍ଯ୍ୟଠାରୁ କମ୍ ମୂଲ୍ୟରେ ଟେଣ୍ଡର ଦିଆଯାଇଥିଲା। ଏହାକୁ ନେଇ କେତେଜଣ ବିଜେଡି କାଉନ୍‌ସିଲର ପ୍ରଶ୍ନ ଉଠାଇଥିଲେ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ଘଟଣାକୁ ନେଇ ସରଗରମ ଆଲୋଚନା ହେବା ପରେ ଟେଣ୍ଡର ରଦ୍ଦ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ର କହିଛନ୍ତି। ଏଥିସହ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଆବଶ୍ୟକ ପଡ଼ିଲେ ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିସ କରାଯିବ ବୋଲି ଆଲୋଚନାରୁ ଜଣାପଡ଼ିଛି।

## ସହର ସଫେଇ, ବୁଲା କୁକୁରାଧରା ଗାଡ଼ି ଲୋକାର୍ପିତ

ସହର ସଫେଇ କରିବା ଏବଂ ବୁଲା କୁକୁର ଧରିବା ଲାଗି ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ଅଣାଯାଇଥିବା ଦୁଇଟି ଗାଡ଼ିକୁ ଶୁକ୍ରବାର ଲୋକାର୍ପଣ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ ଏହି ଦୁଇଟି ଗାଡ଼ିର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, କାଉନ୍‌ସିଲରଙ୍କ ସମେତ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୧୬ କେ.ଜି. ଚୋରା ଗଞ୍ଜେଇ, ୧୫,୦୦୦ ଲିଟର ବିୟର ଜବତ

ଢେଙ୍କାନାଳ ଅଫିସ, ୨୧।୪

ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପୃଥକ୍ ସ୍ଥାନରେ ଚଢ଼ାଉ କରି ଶୁକ୍ରବାର ବିପୁଳ ପରିମାଣର ଗଞ୍ଜେଇ ଏବଂ ଚୋରା ବିଦେଶୀ ମଦ ଜବତ କରିଛି। ମୋଟଙ୍ଗା ଥାନା ଶିରିଡ଼ି ଗ୍ରାମର ତ୍ରିନାଥ ସାହୁଙ୍କ ନିକଟରୁ ୧୬ କେ.ଜି. ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପରଜଙ୍ଗ ଥାନା ସରାଙ୍ଗ ଛକ ଅଞ୍ଚଳର ବାନାମ୍ବର ବେହେରା ଚୋରା ବିଦେଶୀ ମଦ କାରବାର କରୁଥିବା ସୂଚନା ମିଳିବା ପରେ ଏକ ଟିମ୍ ଚଢ଼ାଉ କରିଥିଲା। ତାଙ୍କ ନିକଟରୁ ୧୫ ହଜାରରୁ ଊର୍ଦ୍ଧ୍ୱ ଲିଟର ବିୟର ଜବତ କରାଯାଇଛି। ଅଭିଯୁକ୍ତ ତ୍ରିନାଥ ଏବଂ ବାନାମ୍ବରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ରାଜ୍ୟ ଅବକାରୀ କମିଶନର ଆଶିଷ ସିଂ ଏବଂ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉରେ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

# ପଞ୍ଚାୟତରେ ବିବାହ ରେଜିଷ୍ଟର ବ୍ୟବସ୍ଥା

## ବାଲ୍ୟବିବାହ ରୋକିବାକୁ ପ୍ରୟାସ

ଢେଙ୍କାନାଳ ଅଫିସ, ୨୧।୪



ଢେଙ୍କାନାଳ ଜିଲାରେ ୨୦୧୯ରୁ ଅଦ୍ୟାବଧି ୧୪୨ଟି ବାଲ୍ୟବିବାହ ରୋକାଗଲାଣି। ୪୭ ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରାଯାଇଛି। ବାଲ୍ୟବିବାହ ଭଳି କୁତ୍ସିତ ସାମାଜିକ ବ୍ୟବସ୍ଥାର ମୂଳୋତ୍ପାଟନ ପାଇଁ 'କଳ୍ପନା' ଓ 'ସମ୍ଭବ' କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀକିଶୋରଙ୍କ ଦକ୍ଷତା ବୃଦ୍ଧି କରାଯାଇ କର୍ମସଂସ୍ଥାନ ଯୋଗାଇ ଦିଆଯାଉଛି। ପ୍ରତି ଗ୍ରାମ, ପଞ୍ଚାୟତ କାର୍ଯ୍ୟାଳୟରେ ବିବାହ ରେଜିଷ୍ଟର ପ୍ରଚଳନ କରାଯାଇଛି। ବିବାହ ପୂର୍ବରୁ ଝିଅପୁଅଙ୍କ ବୟସ ଯାଞ୍ଚ କରିବାକୁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ଏସ୍‌ଜି, ଜାତି ମୁଖିଆ, ଗ୍ରାମ ମୁଖିଆ, ସିଡିପିଓ, ପଞ୍ଚାୟତିରାଜ ସଦସ୍ୟଙ୍କୁ ଏ ଦିଗରେ ସଚେତନ କରାଇବାକୁ କୁହାଯାଇଛି। ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ବାଲ୍ୟବିବାହ ସଚେତନତା ସମ୍ପର୍କିତ ବୈଠକରେ ଅଧ୍ୟକ୍ଷତା କରି ଏହି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର। ଜିଲାରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ୟୁନିସେଫ୍ ଏବଂ ଆକ୍ସନ୍‌ଏଡ୍‌ର ମିଳିତ ସହଯୋଗରେ ୨୦୧୯ରୁ ଏହି ପ୍ରକଳ୍ପ କାର୍ଯ୍ୟ କରୁଥିବା ୟୁନିସେଫ୍‌ର ଜିଲା ସଂଯୋଜିକା ଅଙ୍ଗୁର ମିଶ୍ର କହିଥିଲେ। ବୈଠକରେ ଏଡିପିଏଚ୍‌ଓ ଗୁରୁପ୍ରସାଦ ଜେନା, ଡିଏସ୍‌ଡବ୍ଲ୍ୟୁଓ ପୂର୍ଣ୍ଣମାସୀ ସାହୁ, ଡିପିଏମ୍ ସୋନାଲୀ ମିଶ୍ର, ଡିଏଲ୍‌ଓ ସତ୍ୟନାରାୟଣ କର, ଖୁର୍ସିଦା ବେଗମ୍, ଶିଶୁ ମଙ୍ଗଳ କମିଟି ସଦସ୍ୟ, ସିଡିପିଓମାନେ ଯୋଗଦେଇଥିଲେ।











## ସୁନ୍ଦରଶୁଣୀ ପୀଠରେ ମହାଚଣ୍ଡୀ ଯଜ୍ଞ

**ଢେଙ୍କାନାଳ ଅଫିସ୍, ୨୧।୪:** ଢେଙ୍କାନାଳ କଲେଜ ବାଇପାସ୍ ନିକଟରେ ପ୍ରତିଷ୍ଠିତ ମା' ସୁନ୍ଦରଶୁଣୀ ପୀଠରେ ୨୦ ତାରିଖରୁ ଆରମ୍ଭ ହୋଇଛି ୨୨ତମ ମହାଚଣ୍ଡୀ ଯଜ୍ଞ। ଏହା ୨୩ ତାରିଖରେ ଉଦ୍‌ଯାପିତ ହେବ। ଆଚାର୍ଯ୍ୟ ରାଜକିଶୋର ମିଶ୍ର, ପ୍ରକାଶ ପାଣିଗ୍ରାହୀ, ମାନସ ନନ୍ଦ ସମସ୍ତ ପୂଜାବିଧି ସୁଚାରୁ ରୂପେ ତୁଲାଉଛନ୍ତି। ରାଜେଶ ଦାସ, ବିଥିକା ଦାସ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। କମିଟି ସଭାପତି ବିଷ୍ଣୁଚରଣ ପଟ୍ଟନାୟକ, ସଦସ୍ୟ ଜାଲୁ ନନ୍ଦ, ପପୁ ବାରିକ, ଜ୍ଞାନୀ ରାଉତ, ବାବୁ ପଟ୍ଟନାୟକ, ଜଳଧର ଦେହୁରୀ, ନୁନୁ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।









**ଝିଅଙ୍କୁ ମାଡ଼ ଅଭିଯୋଗ**

ବଇଣ୍ଡା, ୨୧।୪ (ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରହମ ଗ୍ରାମର ଭଗବତୀ ସାହୁଙ୍କୁ ତାଙ୍କ ବାପା ଗଣପତି ସାହୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଭଗବତୀ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୧୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ବିବାହିତ ଝିଅ ଭଗବତୀ କିଛି ଦିନ ହେବ ବାପା ଗଣପତିଙ୍କୁ ଜମି ଭାଗ ମାଗୁଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗଣପତି ଭଗବତୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ

ଅନୁଗୋଳ ଅଫିସ, ୨୧।୪: ଉତ୍ତରପ୍ରଦେଶର ଉନ୍ନାଓରେ ବଳାତ୍କାର ପୀଡ଼ିତାଙ୍କ ଘରେ ଜେଲ୍ ଫେରନ୍ତା ଅଭିଯୁକ୍ତମାନେ ଗତ ୧୮ ତାରିଖରେ ନିଆଁ ଲଗାଇବା ଓ ୨ ଶିଶୁଙ୍କୁ ପୋଡ଼ି ମାରିବା ଉଦ୍ୟମକୁ ବିରୋଧ କରି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ, ଛାତ୍ର ସଙ୍ଗଠନ ଏଆଇଡିଏସ୍ଓ ଏବଂ ଯୁବ ସଙ୍ଗଠନ ଏଆଇଡିୱାଇଓ ପକ୍ଷରୁ ଶୁକ୍ରବାର ଅନୁଗୋଳଠାରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏଥିସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି। ଏହି ପ୍ରତିବାଦ ସଭାରେ ଏଆଇଏମ୍ଏସ୍ଏସ୍ର ଜିଲା ଉପସଭାନେତ୍ରୀ ସରୋଜିନୀ ନାୟକ ଏବଂ ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ନାୟକ, ମାନସୀ ସ୍ୱାଇଁ, ମାନସ ପାଲ, କୈଳାସ ସାହୁ, ପରମାନନ୍ଦ ସାହୁ ପ୍ରମୁଖ ବକ୍ତବ୍ୟ ରଖି ଘଟଣାର ଦୃଢ଼ ନିନ୍ଦା କରିଛନ୍ତି।

### ଭାଇଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା, ୨୧।୪ (ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡା ଗ୍ରାମର ଜୟରାମ ପ୍ରଧାନଙ୍କୁ ତାଙ୍କ ଭାଇ ଶରତ ପ୍ରଧାନ ଓ ୨ ଜଣ ଝିଆରୀ ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଜୟରାମଙ୍କ ସ୍ତ୍ରୀ ରେବତୀ ପ୍ରଧାନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୧୧୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଶିଳ୍ପାଞ୍ଚଳ ଶ୍ରମିକ ସଂଘର ବିରୋଧ

- ବିନା ନୋଟିସରେ ୪ ଦିନ ହେବ ଖଣି ବନ୍ଦ
- ଜଣେ ରାଜନେତାଙ୍କଠାରୁ କ୍ଷତିପୂରଣ ଆଦାୟ ଦାବି
- ଉପଜିଲାପାଳଙ୍କୁ ଦିଆଗଲା ୪ ଦଫା ଦାବିପତ୍ର

ତାଳଚେର, ୨୧।୪ (ନି.ପ୍ର.)

ତାଳଚେରରେ ଥିବା ସମସ୍ତ ଖଣିକୁ ଜଣେ ରାଜନେତା ବିନା ନୋଟିସରେ ୪ ଦିନ ହେବ ବନ୍ଦ କରିବା ଫଳରେ କୋଇଲା ପରିବହନ କରୁଥିବା ଟ୍ରକ୍ ମାଲିକ ଓ ଠିକା ଶ୍ରମିକମାନଙ୍କ ବହୁ ଆର୍ଥିକ କ୍ଷତି ହୋଇଛି ବୋଲି ତାଳଚେର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ଅଭିଯୋଗ କରିଛି। ଏଥିସହ ସଂଘ ସଭାପତି ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ପରେ ୪ ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ତାଳଚେର ଶିଳ୍ପାଞ୍ଚଳରେ ୨୦ରୁ ୨୫ ହଜାର ଠିକା ଶ୍ରମିକ ଓ ବିଭିନ୍ନ ବର୍ଗର ଲୋକ କାମକରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ମନମୁଖି ଭାବେ ଖଣି ଓ କଳକାରଖାନା ଗୁଡ଼ିକୁ ବନ୍ଦ କରାଯିବା ଦ୍ୱାରା ସମସ୍ତ ଠିକା ଶ୍ରମିକ ଓ ଟ୍ରକ୍ ମାଲିକମାନେ ଜୀବିକା ହରାଉଛନ୍ତି। ତେଣୁ ଉକ୍ତ ୪ ଦିନର ପ୍ରାପ୍ୟ ସମସ୍ତ ଠିକା ଶ୍ରମିକଙ୍କୁ ପ୍ରଦାନ କରାଯାଉ, ଟ୍ରକ୍ ମାଲିକଙ୍କ କ୍ଷତି ହୋଇଥିବା ଅର୍ଥ ସମ୍ପୃକ୍ତ ରାଜନେତାଙ୍କଠାରୁ ଆଦାୟ କରାଯାଉ, ସମସ୍ତ ଠିକା କର୍ମଚାରୀଙ୍କୁ ସେମାନଙ୍କ ଗିଫ୍ଟ କାର୍ଡ ଓ ବୋନସ ପ୍ରଦାନ କରାଯାଉ। ଏଥିସହ ସମସ୍ତ ସମସ୍ୟା ପାଇଁ ଉତ୍ତରଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହା ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ପ୍ରଧାନଙ୍କ ସମେତ ତୁଷାର କୁମାର ସାହୁ, ଚୈତନ୍ୟ ପ୍ରଧାନଙ୍କ ସମେତ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।



ତାଳଚେର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା

ଅନୁଗୋଳ ଅଫିସ,୨୧।୪

ଅନୁଗୋଳ ଥାନା ହୁଲୁରିସିଂହା ଖେଳ ପଡ଼ିଆ ନିକଟରୁ ଶୁକ୍ରବାର ରାତିରେ ଅଭିରାମ ବେହେରାଙ୍କ ପୁଅ ପ୍ରକାଶ ବେହେରାଙ୍କ ମୃତଦେହ ପୋଲିସ ଜବତ କରିଛି। ତାଙ୍କୁ ହତ୍ୟା କରାଯାଇଥିବା ସାଧାରଣରେ ଅଭିଯୋଗ ହେଉଥିବା ବେଳେ କାରଣ ଏଯାଏ ଜଣାପଡ଼ି ନାହିଁ। ପୋଲିସ କହିଛି, ହୁଲୁରିସିଂହା ଛକରେ ପ୍ରକାଶଙ୍କ ଏକ ବ୍ରଏଲର କାଉଣ୍ଟର ରହିଛି। ରାତିରେ ଉକ୍ତ ଦୋକାନ ଖୋଲା ଥିବାବେଳେ ସେଠାରୁ ଅଳ୍ପ ଦୂରରେ ପ୍ରକାଶଙ୍କ ମୃତଦେହ ପଡ଼ିଥିଲା। ପାରିପାର୍ଶିକ ସ୍ଥିତିରୁ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଥିବା କୁହାଯାଉଛି। କିଛି ଦୂରରୁ ପୋଲିସ ପ୍ରକାଶଙ୍କ ମୋବାଇଲ ଓ ମୋଟର ସାଇକେଲ ଜବତ କରିଛି। ଘଟଣା ସମ୍ପର୍କରେ ଅନୁଗୋଳ ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ଯୁବକଙ୍କୁ ହତ୍ୟା କରାଯାଇଛି। ମୃତଦେହ ଜବତ କରାଯିବା ସହ ତଦନ୍ତ ଜାରି ରହିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ସହ ତଦନ୍ତରେ ଅଗ୍ରଗତି ହେବ। ମୃତକଙ୍କ ଭାଇ ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି।


ହତ୍ୟାକାଣ୍ଡସ୍ଥଳରେ ସ୍ଥାନୀୟ ଲୋକେ ଜମା ହୋଇଛନ୍ତି।

# ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ

ଆଠମଲ୍ଲିକ, ୨୧।୪ (ଡି.ଏନ.ଏ.)

ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅଭିଭାବକ ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଧାଂଶୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଯୋଗଦେଇଥିଲେ। ଖରା ଛୁଟିରେ ଛାତ୍ରୀଛାତ୍ରମାନେ କିପରି ଘରେ ରହି ସୁଚାରୁ ରୂପେ ଦିଆଯାଇଥିବା ହୋମୱାର୍କ କରିପାରିବେ ତାହା ଉପରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷୟିତ୍ରୀ ସାଗତିକା ସାହୁ, ଶିକ୍ଷକ ଧବଳେଶ୍ୱର ଦେହୁରୀ, ଲୋକନାଥ ସାହୁ, ରଜତ ପ୍ରଧାନ, ଆଦିତ୍ୟ ସାହୁ, ସତ୍ୟ ରଞ୍ଜନ ପ୍ରଧାନ, ସତ୍ୟ ରଞ୍ଜନ ଜେନା, ପ୍ରଦୀପ ସେଠୀ, ମହେନ୍ଦ୍ର ଶିଠ ପ୍ରମୁଖ ଯୋଗ ଦେଇଥିଲେ। ପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର ଓ ନବମ, ଦଶମ ଶ୍ରେଣୀର ଏସ୍ଟି, ଏସ୍ସି ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯଇଥିଲା।



# ବନ୍ଧୁ ପରିଚୟ ଦେଇ ୫୦ ହଜାର ଠକେଇ

**ଅନୁଗୋଳ ସାଇବର ଥାନାରେ ଅଭିଯୋଗ**

ଅନୁଗୋଳ ଅଫିସ, ୨୧।୪

ଅନୁଗୋଳ ଜିଲାରେ ସାଇବର ଠକେଇ ଘଟଣା ବଢ଼ିବାରେ ଲାଗିଛି। କିଛିଦିନ ହେଲା ସାଇବର ଥାନାକୁ ଏପରି ଅଭିଯୋଗ ଲଗାତର ଆସୁଥିବା ଦେଖିବାକୁ ମିଳୁଛି। ଶୁକ୍ରବାର ଏପରି ଏକ ଠକେଇ ଅଭିଯୋଗ ଥାନାରେ ହୋଇଛି। ଅନୁଗୋଳ ସଦର ଥାନା ଅନ୍ତର୍ଗତ କୁମଣ୍ଡ ଗ୍ରାମର ଜଣେ ଯୁବକ ଏହି ଅଭିଯୋଗ କରିଛନ୍ତି। ବନ୍ଧୁ ବୋଲି ଫୋନରେ ପରିଚୟ ଦେଇ ସାଇବର ଠକ ଜଣକ ତାଙ୍କ ଠାରୁ ୫୦ ହଜାର ଟଙ୍କା ଠକି ନେଇଥିବା କୁମୁଣ୍ଡ ଅଞ୍ଚଳର ଯୁବକ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ନଂ. ୭/୨୩ରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ପୋଲିସ କହିଛି, ଗତ ୨ ତାରିଖରେ କୁମଣ୍ଡର ସମ୍ପୃକ୍ତ ଯୁବକଙ୍କ ନିକଟକୁ ଏକ ଅଜଣା ଫୋନ ନମ୍ବରରୁ କଲ୍ ଆସିଥିଲା। ଫୋନ କରିଥିବା ଠକ ଜଣଙ୍କ ତାଙ୍କୁ ଜାଣି ପାରୁଛ କି ନାହିଁ ବୋଲି ଯୁବକଙ୍କୁ ପଚାରିଥିଲେ। ଯୁବକ ଜଣକ ରାଜେଶ ବୋଲି କହିବା ପରେ ଠକ ଜଣଙ୍କ ଠକେଇ ପାଇଁ ଜାଲ ବିଛାଇଥିଲେ। କହିଥିଲେ, ଦୁର୍ଘଟଣାରେ ପୁତୁରା ଗୁରୁତର ହୋଇଛନ୍ତି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍ରେ ଚିକିତ୍ସାଧୀନ ଅଛନ୍ତି। ତେଣୁ କିଛି ଟଙ୍କା ଆବଶ୍ୟକ। ଫୋନ୍ ଘରେ ଛାଡ଼ି ଆସିଥିବାରୁ ପାଖ ରୋଗୀଙ୍କ ଫୋନ ପେ ଆକାଉଣ୍ଟ ନମ୍ବର ଦେଉଛି। ସେଥିରେ ଟଙ୍କା ପଠାଅ। ଠକଙ୍କ ଏପରି ଚାଲାକିକୁ ବୁଝି ନ ପାରି କୁମଣ୍ଡର ଯୁବକ ୫ ଥରରେ ୫୦ ହଜାର ଟଙ୍କା ଠକ ଦେଇଥିବା ଫୋନ ପେ ଆକାଉଣ୍ଟକୁ ପଠାଇଥିଲେ। ୩ ଦିନ ପରେ ପୁତୁରାଙ୍କ ଦେହ କିପରି ଅଛି ଜାଣିବାକୁ କୁମଣ୍ଡର ଯୁବକ ବନ୍ଧୁ ରାଜେଶଙ୍କ ନମ୍ବରକୁ ଫୋନ କରିଥିଲେ। ହେଲେ ରାଜେଶ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ସମ୍ପୃକ୍ତ ଯୁବକ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ସାଇବର ଠକ ହାବୁଡ଼ରେ ପଡ଼ିଥିବା ଜାଣିବା ପରେ ସେ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ବାର୍ ଆସୋସିଏଶନ ଅନ୍ତରୀଣ କମିଟି ଗଠନ

ତାଳଚେର, ୨୧।୪ (ନି.ପ୍ର.)

ତାଳଚେର ଓକିଲ ସଂଘର ଏକ ଜରୁରୀ ସାଧାରଣ ବୈଠକ ମଧୁବାବୁ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ବିନା କର୍ମକର୍ତ୍ତାରେ ସଂଘ ଚାଲୁଥିବାରୁ ତାହାର ନିରାକରଣ ପାଇଁ ଏକ ଅନ୍ତରୀଣ କମିଟି ଗଠନ କରାଯାଇଥିଲା। ଏହି କମିଟିକୁ ବରିଷ୍ଠ ଆଇନଜୀବୀ ଅରୁଣ ଶଙ୍କର ମିଶ୍ର, ଦେବୀ ପ୍ରସାଦ ରଥ, ଗଣେଶ୍ୱର ରାଏ, ବିଶ୍ୱେଶ୍ୱର ମିଶ୍ର ଓ ରାମକୃଷ୍ଣ ନନ୍ଦଙ୍କୁ ମନୋନୀତ କରାଯାଇଥିଲା। ବାର୍ କାଉନସିଲ ଅଫ୍ ଓଡ଼ିଶାର ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଉପରୋକ୍ତ ୫ ଜଣ ବରିଷ୍ଠ ଆଇନଜୀବୀ ସଂଘର ସମ୍ପୂର୍ଣ୍ଣ ଦାୟିତ୍ୱ ନେବା ପାଇଁ ସ୍ଥିର କରାଗଲା। ସେହିପରି ନିଲମ୍ବିତ ହୋଇଥିା ୫ ଜଣ ସଦସ୍ୟଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। ଏହି ବୈଠକରେ ସଂଘର ପ୍ରାୟ ୧୦୦ରୁ ଅଧିକ ସଭ୍ୟ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଅନୁଗୋଳ ଅଫିସ, ୨୧।୪

ଅନୁଗୋଳ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ୪୨୦୦ ଗ୍ରେଡ୍ ପେ ଦାବି ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଅମଲା ମଞ୍ଚ ଅଭିଯୋଗ କରିଛି, ଶିକ୍ଷାଗତ ଯୋଗ୍ୟତା ଆଧାରରେ ଜୁନିୟର ଆସିଷ୍ଟାଣ୍ଟମାନଙ୍କୁ ୪୨୦୦ ଟଙ୍କା ଗ୍ରେଡ ପେ ଦେବା ପାଇଁ ଅନେକ ଦିନ ହେଲା ଦାବି ହୋଇ ଆସୁଥିବା ବେଳେ ଏ ଦିଗରେ ସରକାର ପଦକ୍ଷେପ ନେଉନାହାନ୍ତି। ସ୍ୱାଧୀନତା ପୂର୍ବରୁ ଅମଲା ମେଟ୍ରିକୁଲେଟ ଥିବାବେଳେ ବର୍ତ୍ତମାନ ଲେବଲ ୪ରେ ଚାକିରି କରିଛନ୍ତି। ସେମାନଙ୍କ ଗ୍ରେଡ ପେ ୨ ହଜାର ଟଙ୍କା ହୋଇଥିବା ବେଳେ ଗ୍ରାଜୁଏଶନ ଓ କମ୍ପ୍ୟୁଟର ନଲେଜ ଥିବା ଅମଲାମାନଙ୍କ ମାତ୍ର ୧୯୦୦ ଟଙ୍କା ଗ୍ରେଡ ପେ ରହିଛି। ତେଣୁ ସେମାନଙ୍କ ଗ୍ରେଡ ପେ ୪୨୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରି ଶତାଧିକ ଅମଲା ଜଗନ୍ନାଥ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।



ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜଳ ଯୋଗାଣକୁ ନେଇ ମାରପିଟ

ଛେଣ୍ଡିପଦା,୨୧।୪(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ମାଛକୁଟା ଗ୍ରାମରେ ପାନୀୟ ଜଳ ଯୋଗାଣକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଛେଣ୍ଡିପଦା ଥାନରେ ଜଣେ ମହିଳା ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ମାଛକୁଟା ଗ୍ରାମର ସୁଷମା ବେହେରାଙ୍କୁ ତାଙ୍କ ପଡ଼ୋଶୀ ଗୋବର୍ଦ୍ଧନ ଭୋଇ ପାଣି ପାଇପ କାହିଁକି ବନ୍ଦ କଲୁ କହି ଗାଳିଗୁଲଜ କରିବା ସହିତ ଘରେ ପଶି ଚଣାଓଟରା ସହ ମାଡ ମାରିଥିଲେ। ସୁଷମାଙ୍କ ସ୍ୱାମୀ ସନ୍ତୋଷ ବେହେରା ବାରଣ କରିବାରୁ ଗୋବର୍ଦ୍ଧନ ଏକ ଟାଙ୍ଗିଆ ଆଣି ସୁଷମା ଓ ସନ୍ତୋଷଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସୁଷମା ଟାଙ୍ଗିଆ ଛଡାଇ ଆଣିଥିଲେ ବୋଲି ସୁଷମା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ନଂ. ୧୫୫/୨୩ରେ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

# ସ୍ୱାବଲମ୍ବୀ କାରିଗରଙ୍କୁ ଦକ୍ଷତା ପ୍ରମାଣପତ୍ର


କାର୍ଯ୍ୟକ୍ରମରେ ଉପସ୍ଥିତ କାରିଗରମାନେ ପ୍ରମାଣପତ୍ର ଦେଖାଉଛନ୍ତି।

କଣିହାଁ, ୨୧।୪ (ଡି.ଏନ.ଏ.)

କଣିହାଁ ବ୍ଲକରେ ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥାରେ କାର୍ଯ୍ୟରତ ସ୍ୱେଚ୍ଛାକୃତ ସ୍ୱାବଲମ୍ବୀ କାରିଗରଙ୍କୁ ଶୁକ୍ରବାର ଦକ୍ଷତା କୌଶଳ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଏମ୍ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ବିଡିଓ ନିଶାନ ମିଶ୍ର, ତାଳଚେର ଉପଖଣ୍ଡ ଆର୍ଡବ୍ଲ୍ୟୁଏସ୍ଏସ୍ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ପ୍ରଧାନ ଉପସ୍ଥିତ ରହି ୫୨ଜଣ କାରିଗରଙ୍କୁ କୌଶଳ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ନେଇ କୁଶଳୀ ଭାରତ ଯୋଜନାରେ ଏହି କାରିଗରମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ଏକ ସଂସ୍ଥା ତରଫରୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା କାରିଗରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦେବରାଜ ସାହୁ, ଭୁବନାନନ୍ଦ ସାହୁ, ଜଗବନ୍ଧୁ ସାହୁ, ବାବୁଲି ସାହୁ, ବିନୟ ସାହୁ, ବୀରେନ ପ୍ରଧାନ, ରୁଦ୍ରମୋହନ ପ୍ରଧାନ, ମାନସ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ୧୩୭ ଦିନରେ ପହଞ୍ଚିଲା ଗଣଧାରଣା

**ତାଳଚେରକୁ ଜିଲା ଘୋଷଣା ଦାବି**

ତାଳଚେର, ୨୧।୪ (ନି.ପ୍ର.)

ତାଳଚେରକୁ ସ୍ୱତନ୍ତ୍ର ଜିଲା ଘୋଷଣା କରିବା ଦାବିରେ ତାଳଚେର ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଶୁକ୍ରବାର ୧୩୭ ଦିନରେ ପହଞ୍ଚିଛି। ଏହି ଗଣଧାରଣାରେ କଣିହାଁ, ପାଲଲହଡା ଅଞ୍ଚଳର ବହୁ ମହିଳା, ପୁରୁଷଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଉପସ୍ଥିତ ଅଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କୁ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ତାଳଚେର ଉପଖଣ୍ଡକୁ ଜିଲା ଘୋଷଣା କରିବା ପାଇଁ ଦୀର୍ଘବର୍ଷ ପୂର୍ବରୁ ତାଳବେରବାସୀଙ୍କ ପକ୍ଷରୁ ଦାବି କରାଯାଇଆସୁଛି। ଏଥିପାଇଁ ତାଳଚେରବାସୀଙ୍କ ପକ୍ଷରୁ ବହୁବାର ଆନ୍ଦୋଳନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତାଳଚେରକୁ ୩୧ନଂ. ଜିଲା ଘୋଷଣା କରିବା ପାଇଁ ତାଙ୍କ ସରକାର ସମୟରେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ରାଜ୍ୟ ସରକାର ବିଜୁବାବୁଙ୍କ ପ୍ରତିଶ୍ରୁତି ପାଳନ ଦିଗରେ ପଦକ୍ଷେପ ନେଉ ନ ଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।


ତାଳଚେର ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି।

# ଗ୍ରାମବାସୀଙ୍କ ସହମତିରେ ଦିଅ କ୍ଷତିପୂରଣ

**କିସମ ପରିବର୍ତ୍ତନ ନିମନ୍ତେ ପଲ୍ଲିସଭା**

ଛେଣ୍ଡିପଦା,୨୧।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ରାଇଝରଣ ପଞ୍ଚାୟତରେ ଥିବା ୧୩.୯୯ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରି ଏମ୍ସିଏଲ୍ର ସୁଭଦ୍ରା କୋଇଲା ଖଣି କ୍ଷେତ୍ର ନିମନ୍ତେ ବ୍ୟବହାର କରିବାକୁ ଶୁକ୍ରବାର ଏକ ପଲ୍ଲିସଭାର ଆୟୋଜନ କରାଯାଇଥିଲା। ଅନୁଗୋଳ ଜିଲା ମଙ୍ଗଳ ଅଧିକାରୀଙ୍କ ପତ୍ର ସଂଖ୍ୟା ୭୮୧/୧୮।୪।୨୨ ଅନୁଯାୟୀ ଏହି ପଲ୍ଲିସଭା ସ୍ଥିରୀକୃତ କରାଯାଇଥିଲା। ୱାର୍ଡ ସଭ୍ୟ ପୁରନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ପଲ୍ଲିସଭାରେ ଛେଣ୍ଡିପଦା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ୍. ନୈବେଦ୍ୟ ଲଲାଟେନ୍ଦୁ, ସରପଞ୍ଚ ପ୍ରଶାନ୍ତ କୁମାର ସେଠୀ, ସୁଭଦ୍ରା କ୍ଷେତ୍ର ପରିଚାଳକ କୃପାଶଙ୍କର ସିଂହ, ପ୍ରକଳ୍ପ ଅଧିକାରୀ ବାହଦୁଲ ସାହୁ, ଏମ୍ଡିଓର ମୁଖ୍ୟ ବିମଳ ବରାଳ, ଜମି ଓ ଥଇଥାନ ମୁଖ୍ୟ ଶିବ ତ୍ରିପାଠୀ, ଜନସମ୍ପର୍କ ଅଧିକାରୀ ଶିବ ବିଶ୍ୱାଳ, ସମସ୍ତ ୱାର୍ଡ ସଭ୍ୟ ଯୋଗ ଦେଇଥିଲେ। ଏହି ଆଲୋଚନା ବେଳେ ଗ୍ରାମବାସୀ କ୍ଷତିପୂରଣ ରାଶି, ପ୍ରତ୍ୟେକ କ୍ଷତିଗ୍ରସ୍ତଙ୍କ ଥଇଥାନ ଏବଂ ସମ ଅନୁପାତରେ ଜଙ୍ଗଲ ସୃଷ୍ଟି କରିବା, ଜଙ୍ଗଲ ଉପରେ ନିର୍ଭର କରୁଥିବା ଗ୍ରାମବାସୀଙ୍କ ଅତ୍ୟାବଶ୍ୟକ ସାମଗ୍ରୀର କ୍ଷତିପୂରଣ, ବନସୁରକ୍ଷା ସମିତିର କ୍ଷତିପୂରଣ, ଗ୍ରାମକୁ ପାନୀୟ ଜଳ ଓ ଭିତ୍ତିଭୂମିର ବିକାଶ ଏବଂ କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ତ କ୍ଷତିପୂରଣ ଗ୍ରାମବାସୀଙ୍କ ସହମତିରେ ପ୍ରଦାନ କରିବାକୁ ଦାବି କରିଥିଲେ। ଜମିର ସରକାରୀ ମୂଲ୍ୟର ୩ଗୁଣା ଏବଂ ପର୍ଯ୍ୟାବରଣ ରୋକିବା ପାଇଁ ଜଙ୍ଗଲ ସୃଷ୍ଟି, ବନସୁରକ୍ଷା ସମିତିକୁ ୫୦% କ୍ଷତିପୂରଣ ଓ ସିଏସ୍ଆର୍ ମାଧ୍ୟମରେ ୧୦ କି.ମି. ପରିଧିରେ ପାନୀୟ ଜଳ ଯୋଗାଣ ସହିତ ଅନ୍ୟ ଆନୁସଙ୍ଗିକ ସୁବିଧା ଗ୍ରାମବାସୀଙ୍କୁ ଯୋଗାଇ ଦିଆଯିବ ବୋଲି ଖଣି କର୍ତ୍ତୃପକ୍ଷ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ।



ପଲ୍ଲିସଭାରେ ମଞ୍ଚାସୀନ ଅଧିକାରୀ ଓ ଅନ୍ୟମାନେ।

